# NATIONAL NEWS BULLETIN (ODIA)

## 23rd September - 2024

## Morning Bulletin : 7.15 a.m.

*********************************

ଆକାଶବାଣୀ..... ସମ୍ବାଦ ପଢୁଛନ୍ତି..... **ମଳୟ ରଞ୍ଜନ ମିଶ୍ର**

## <u>ମୁଖ୍ୟ ସମ୍ବାଦ</u>

- ସେମିକଣ୍ଡକ୍ଟର ପ୍ଲାଣ୍ଟ ପ୍ରତିଷ୍ଠା ପାଇଁ ଜଳଭଣ୍ଡାରର ବ୍ୟବସ୍ଥାକୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଓ ଆମେରିକା ରାଷ୍ଟ୍ରପତି ଜୋ ବାଇଡେନ୍‌ଙ୍କ ପ୍ରଶଂସା ।
- ବାଣିଜ୍ୟ ଓ ଶିଳ୍ପ ମନ୍ତ୍ରୀ ପୀୟୁଷ ଗୋୟଲ୍‌ଙ୍କ ଆଜିଠାରୁ ତିନିଦିନିଆ ଅଷ୍ଟ୍ରେଲିଆ ଗସ୍ତ ।
- ବିଧାନସଭା ନିର୍ବାଚନ ପ୍ରସ୍ତୁତି ନେଇ ଆଜି ରାଞ୍ଚି ଗସ୍ତ କରିବେ ମୁଖ୍ୟ ନିର୍ବାଚନ ଆୟୁକ୍ତ ରାଜୀବ କୁମାରଙ୍କ ନେତୃତ୍ୱାଧୀନ ଦଳ ।
- ଶ୍ରୀଲଙ୍କାର ନବନିର୍ବାଚିତ ରାଷ୍ଟ୍ରପତି ଅନୁରା କୁମାର ଦିସାନନାୟକେଙ୍କୁ ଶୁଭେଚ୍ଛା ଜଣାଇଲେ ପ୍ରଧାନମନ୍ତ୍ରୀ ।

ଏବଂ

- ଗୋଆଠାରେ ଆଜିଠାରୁ ଆରମ୍ଭ ହେଉଛି ମେରିଟାଇମ୍ ସିମ୍ପୋଜିୟମ୍‌ର ପଞ୍ଚମ ସଂସ୍କରଣ ।

# ଇଣ୍ଡିଆ-ୟୁ.ଏସ୍. ସେମିକଣ୍ଡକ୍ଟର

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଏବଂ ଆମେରିକା ରାଷ୍ଟ୍ରପତି ଜୋ ବାଇଡେନ୍ ନୂତନ ସେମିକଣ୍ଡକ୍ଟର ଫେବ୍ରିକେସନ ପ୍ଲାଣ୍ଟ ପ୍ରତିଷ୍ଠାପାଇଁ ଜଳଭଣ୍ଡାରର ବ୍ୟବସ୍ଥାକୁ ପ୍ରଶଂସା କରିଛନ୍ତି । ଦୁଇ ନେତାଙ୍କ ମଧ୍ୟରେ ଆଲୋଚନା ସମୟରେ ଏହି ପ୍ରସଙ୍ଗ ସ୍ଥାନ ପାଇଥିଲା । ବୈଦେଶିକ ବ୍ୟାପାର ମନ୍ତ୍ରଣାଳୟ କହିଛି, ନୂତନ ସେମିକଣ୍ଡକ୍ଟର ଫେବ୍ରିକେସନ ପ୍ଲାଣ୍ଟ ଜାତୀୟ ସୁରକ୍ଷା, ଭବିଷ୍ୟତ ଟେଲି ଯୋଗାଯୋଗ ଏବଂ ସବୁଜ ଶକ୍ତି କ୍ଷେତ୍ରପାଇଁ ବିଶେଷ ଉପଯୋଗୀ ସାବ୍ୟସ୍ତ ହେବ । ସେମିକଣ୍ଡକ୍ଟର ଫେବ୍ରିକେସନ ପ୍ଲାଣ୍ଟ - ଫ୍ୟାବ୍ ସେମିକଣ୍ଡକ୍ଟର ଡିଭାଇସ୍ ନିର୍ମାଣ ପାଇଁ ଏକ କାରଖାନା ଭାବେ କାର୍ଯ୍ୟ କରେ । ଭାରତ ସେମିକଣ୍ଡକ୍ଟର ମିଶନ ଏବଂ ଭାରତ ସେମି, ଥାର୍ଡ଼ ଆଇ-ଟେକ୍ ଏବଂ ଆମେରିକା ସ୍ପେସ୍ ଫୋର୍ସ'ର ମିଳିତ ସହଯୋଗରେ ଏହାକୁ କାର୍ଯ୍ୟକାରୀ କରିବାକୁ ଲକ୍ଷ୍ୟ ରଖାଯାଇଛି । ଆମ ସମ୍ବାଦଦାତାଙ୍କଠାରୁ ମିଳିଥବବା ସୂଚନା ଅନୁଯାୟୀ, ଏହା ହେଉଛି ପ୍ରଥମ ଭାରତ-ଆମେରିକା ସେମିକଣ୍ଡକ୍ଟର ଫ୍ୟାବ୍ ସହଯୋଗ ।

ଆମେରିକା ସେନା ଭାରତ ସହ ଏହି ଅତ୍ୟନ୍ତ ମୂଲ୍ୟବାନ ଜ୍ଞାନକୌଶଳ ପାଇଁ ବୈଷୟିକ ସହଯୋଗ ପ୍ରଦାନ କରିବାକୁ ପ୍ରଥମ ଥରପାଇଁ ସହମତ ହୋଇଛି । ଏହା କେବଳ ଭାରତପାଇଁ ନୁହେଁ, ବରଂ ନିରାପତ୍ତା ଦୃଷ୍ଟିରୁ ବିଶ୍ୱର

ପ୍ରଥମ ବହୁମୁଖୀ ଫ୍ୟାବ୍ ଭାବେ ପରିଗଣିତ ହେବେ । ଏହା ଆଧୁନିକ ଯୁଦ୍ଧ ମୁକାବିଲା ପାଇଁ ୩ଟି ବ୍ୟବସ୍ଥା ଆଡ଼୍‌ଭାନ୍ସ ସେନ୍ସିଂ, ଉନ୍ନତ ଯୋଗାଯୋଗ ଏବଂ ଉଚ୍ଚ କ୍ଷମତାସମ୍ପନ୍ନ ବୈଦ୍ୟୁତିକ ଉପକରଣ ଉପରେ ପର୍ଯ୍ୟବସିତ । ରେଳବାଇ, ଟେଲି ଯୋଗାଯୋଗ ଭିତ୍ତିଭୂମି, ଡାଟା ସେଣ୍ଟର ଏବଂ ସବୁଜ ଶକ୍ତି ଭଳି ବାଣିଜ୍ୟିକ କ୍ଷେତ୍ରରେ ଏହାର ବହୁଳ ଆବଶ୍ୟକତା ରହିବ । ବହୁ ବର୍ଷ ପରେ ଭାରତ-ଆମେରିକା ଦ୍ୱିପାକ୍ଷିକ ସମ୍ପର୍କରେ ଏହା ଏକ ଗୁରୁତ୍ୱପୂର୍ଣ୍ଣ ମାର୍ଗ ଉନ୍ମୋଚନ କରିଛି ।

## ପି.ଏମ୍. - ବାଇଲାଟେରାଲ୍‌ସ

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ନ୍ୟୁୟର୍କଠାରେ କୁଏତ୍‌ର ଯୁବରାଜ ଶେଖ୍‌ଖ ସବାହ୍ ଅଲ୍-ଖଲିଦ୍ ଅଲ୍-ସବାହ୍‌ଙ୍କ ସହ ଦ୍ୱିପାକ୍ଷିକ ପ୍ରସଙ୍ଗ ନେଇ ଆଲୋଚନା କରିଛନ୍ତି । ସେହିଭଳି ନେପାଳ ପ୍ରତିପକ୍ଷ କେ.ପି. ଶର୍ମା ଓଲିଙ୍କ ସହ ମଧ୍ୟ ଆଲୋଚନା ବୈଠକ କରିଛନ୍ତି । ବୈଷୟିକ କ୍ଷେତ୍ରରେ ସହଯୋଗ ଲକ୍ଷ୍ୟରେ ଆମେରିକାର ଅଗ୍ରଣି କମ୍ପାନୀଗୁଡ଼ିକର କାର୍ଯ୍ୟନିର୍ବାହୀ ଅଧିକାରୀଙ୍କ ସହ ପ୍ରଧାନମନ୍ତ୍ରୀ ଆଲୋଚନା କରିଛନ୍ତି । ସେମାନଙ୍କ ମଧ୍ୟରେ ଆଡୋବ୍ କମ୍ପାନୀର ମୁଖ୍ୟ ଶାନ୍ତନୁ ନାରାୟେନ୍, ଗୁଗୁଲ୍‌ର ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ସୁନ୍ଦର ପିଚାଇ, ଆଇ.ବି.ଏମ୍.ର ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ଅରବିନ୍ଦ କ୍ରିଷ୍ଣା, ଆସେଞ୍ଚର୍‌ର ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ଜୁଲି ସ୍ୱିଟ୍ ପ୍ରମୁଖ ଅନ୍ତର୍ଭୁକ୍ତ ।

କୃତ୍ରିମ ବୁଦ୍ଧିମତ୍ତା, ସେମି କଣ୍ଡକ୍ଟର, ଜୈବ ପ୍ରଯୁକ୍ତି ଏବଂ କ୍ୱାଣ୍ଟମ୍ କମ୍ପ୍ୟୁଟିଂ କ୍ଷେତ୍ର ଉପରେ ଏହି ବୈଠକରେ ଆଲୋଚନା ହୋଇଛି । ପ୍ରଧାନମନ୍ତ୍ରୀ ଆଜି ଜାତିସଂଘ ସାଧାରଣ ପରିଷଦର 'ଭବିଷ୍ୟତର ଶିଖର ସମ୍ମିଳନୀ'କୁ ସମ୍ବୋଧନ କରିବେ । ଏହି ସମ୍ମିଳନୀର ଶୀର୍ଷକ ରହିଛି "ଏକ ଉତ୍ତମ ଭବିଷ୍ୟତ ପାଇଁ ବହୁମୁଖୀ ସମାଧାନ" ।

## ଗୋୟଲ୍ - ଅଷ୍ଟ୍ରେଲିଆ ଭିଜିଟ୍

ବାଣିଜ୍ୟ ଓ ଶିଳ୍ପ ମନ୍ତ୍ରୀ ପୀୟୂଷ ଗୋୟଲ ଆଜିଠାରୁ ଅଷ୍ଟ୍ରେଲିଆ ଗସ୍ତରେ ଯାଉଛନ୍ତି । ଏହି ଅବସରରେ ସେ ଊନବିଂଶ ଭାରତ-ଅଷ୍ଟ୍ରେଲିଆ ଯୁଗ୍ମ ମନ୍ତ୍ରିସ୍ତରୀୟ ଆୟୋଗ ବୈଠକରେ ଯୋଗଦେବେ । ଅଷ୍ଟ୍ରେଲିଆର ବାଣିଜ୍ୟ ଓ ପର୍ଯ୍ୟଟନ ମନ୍ତ୍ରୀ ଡନ୍ ଫାରେଲ୍‌ଙ୍କ ସହ ଆସନ୍ତା ବୁଧବାର ଦିନ ଏହି ବୈଠକରେ ସହ-ଅଧ୍ୟକ୍ଷତା କରିବେ । ଦୁଇ ଦେଶ ମଧ୍ୟରେ ଦ୍ୱିପାକ୍ଷିକ ଅର୍ଥନୈତିକ ସମ୍ପର୍କକୁ ଅଧିକ ଉନ୍ନତ କରିବା ଲକ୍ଷ୍ୟରେ ଏହି ବୈଠକରେ ଆଲୋଚନା ହେବ । ବାଣିଜ୍ୟ ଓ ଶିଳ୍ପ ମନ୍ତ୍ରଣାଳୟ କହିଛି, ଦୁଇ ଦେଶ ମଧ୍ୟରେ ଦ୍ୱିପାକ୍ଷିକ ଅର୍ଥନୈତିକ ସହଯୋଗ ଏବଂ ବାଣିଜ୍ୟ ଚୁକ୍ତି ଚୂଡ଼ାନ୍ତ କରାଯିବାକୁ ଲକ୍ଷ୍ୟ ରଖାଯାଇଛି । ସେହିଭଳି ବାଣିଜ୍ୟ ଏବଂ ପୁଞ୍ଜିନିବେଶ ସମ୍ପର୍କକୁ ଅଧିକ ତ୍ୱରାନ୍ୱିତ କରିବା ମନ୍ତ୍ରୀ ଶ୍ରୀ ଗୋୟଲ୍‌ଙ୍କ ଏହି ଗସ୍ତର ମୂଳଲକ୍ଷ୍ୟ । ବ୍ୟାବସାୟିକ ସମ୍ପର୍କ, ଗୁରୁତ୍ୱପୂର୍ଣ୍ଣ ଖଣିଜ ପଦାର୍ଥ, ଉତ୍ପାଦନ,

ଶିକ୍ଷା, ଅକ୍ଷୟ ଶକ୍ତି, ଭିତ୍ତିଭୂମି, ପର୍ଯ୍ୟଟନ ଏବଂ ମହାକାଶ ସମେତ ବିଭିନ୍ନ ପ୍ରସଙ୍ଗରେ ଦ୍ୱିପାକ୍ଷିକ ରଣନୀତିକ ଭାଗିଦାରିତା ନେଇ ଦୁଇ ନେତାଙ୍କ ମଧ୍ୟରେ ଆଲୋଚନ ହେବ ବୋଲି ମନ୍ତ୍ରଣାଳୟ ସୂଚନା ଦେଇଛି । ଏହି ତିନିଦିନିଆ ଗସ୍ତ ଅବସରରେ ଶ୍ରୀ ଗୋୟଲ ଆସନ୍ତାକାଲି ଭାରତ-ପ୍ରଶାନ୍ତ ମହାସାଗରୀୟ ଅର୍ଥନୈତିକ ଢାଞ୍ଚା ବୈଠକରେ ଆଭାସୀ ମାଧ୍ୟମରେ ଯୋଗଦେବେ । ଭାରତରେ ପୁଞ୍ଜିନିବେଶକୁ ପ୍ରୋତ୍ସାହନ କରିବା ଲକ୍ଷ୍ୟରେ ମନ୍ତ୍ରୀ ଶ୍ରୀ ଗୋୟଲ ବିଭିନ୍ନ ଅଗ୍ରଣୀ କମ୍ପାନୀର କାର୍ଯ୍ୟନିର୍ବାହୀ ଅଧିକାରୀ, ଉଦ୍ୟୋଗପତି ଏବଂ ଅଷ୍ଟ୍ରେଲୀୟ ପେନ୍‌ସନ୍ ପାଣ୍ଠିର ପ୍ରତିନିଧିଙ୍କ ସହ ଆଲୋଚନା କରିବାର କାର୍ଯ୍ୟସୂଚୀ ରହିଛି ।

## ଝାଡ଼ଖଣ୍ଡ - ଇ.ସି.

ଝାଡ଼ଖଣ୍ଡରେ ଆଗାମୀ ବିଧାନସଭା ନିର୍ବାଚନ ପ୍ରସ୍ତୁତିର ସମୀକ୍ଷା କରିବାକୁ ମୁଖ୍ୟ ନିର୍ବାଚନ ଆୟୁକ୍ତ ରାଜୀବ କୁମାରଙ୍କ ନେତୃତ୍ୱରେ ଏକ ଦଳ ଆଜିଠାରୁ ଦୁଇଦିନିଆ ରାଞ୍ଚି ଗସ୍ତ କରିବ । ଏହି ଦଳରେ ଅନ୍ୟମାନଙ୍କ ମଧ୍ୟରେ ନିର୍ବାଚନ କମିଶନ ସଦସ୍ୟ ଜ୍ଞାନେଶ କୁମାର ଏବଂ ସୁଖବୀର ସିଂହ ସାନ୍ଧୁ ଅଛନ୍ତି । ରାଞ୍ଚିଠାରେ ଏହି ଦଳ ବିଭିନ୍ନ ରାଜନୈତିକ ଦଳର ପ୍ରତିନିଧିଙ୍କ ସହ ନିର୍ବାଚନ ପ୍ରସ୍ତୁତି ନେଇ ଆଲୋଚନା କରିବେ । ବି.ଜେ.ପି., କଂଗ୍ରେସ ଏବଂ ସି.ପି.ଆଇ.ଏମ୍. ସହ ଜେ.ଏମ୍.ଏମ୍., ଆର୍.ଜେ.ଡି. ଏବଂ

ଏ.ଜେ.ଏସ୍.ୟୁ. ଦଳର ପ୍ରତିନିଧି ଏହି ବୈଠକରେ ଅଂଶଗ୍ରହଣ କରିବାର କାର୍ଯ୍ୟକ୍ରମ ରହିଛି । ଏହି ବୈଠକ ପରେ ନିର୍ବାଚନ କମିଶନ୍ ଦଳ ନିର୍ବାଚନ ସହ ସମ୍ପୃକ୍ତ ଅନ୍ୟାନ୍ୟ ଅଧିକାରୀଙ୍କ ସହ ମତ ବିନିମୟ କରିବେ । ଆଜି ମଧ୍ୟ ରାଜ୍ୟ ମୁଖ୍ୟ ନିର୍ବାଚନ ଅଧିକାରୀ, ରାଜ୍ୟ ପୁଲିସ୍ ନୋଡ଼ାଲ୍ ଅଧିକାରୀ ଏବଂ କେନ୍ଦ୍ରୀୟ ସୁରକ୍ଷା ସଂସ୍ଥାର କୋ-ଅର୍ଡ଼ିନେଟରଙ୍କ ସହ ନିର୍ବାଚନ ପ୍ରସ୍ତୁତି ନେଇ ଆଲୋଚନା କରିବେ । ଆସନ୍ତାକାଲି ଜିଲ୍ଲାସ୍ତରୀୟ ନିର୍ବାଚନ ଅଧିକାରୀ ଏବଂ ଆରକ୍ଷୀ ଅଧିକ୍ଷକ, ମୁଖ୍ୟ ଶାସନ ସଚିବ ଓ ପୁଲିସ୍‌ର ବରିଷ୍ଠ ଅଧିକାରୀଙ୍କ ସହ ଆଲୋଚନା ବୈଠକ କରିବାର କାର୍ଯ୍ୟସୂଚୀ ରହିଛି । ସୂଚନାଯୋଗ୍ୟ ଚଳିତବର୍ଷ ଝାଡ଼ଖଣ୍ଡରେ ବିଧାନସଭା ନିର୍ବାଚନ ଅନୁଷ୍ଠିତ ହୋଇପାରେ ।

## ଜେ.ପି. ନଡ୍ଡା - ହେଲ୍‌ଥ୍

ସ୍ୱାସ୍ଥ୍ୟମନ୍ତ୍ରୀ ଜେ.ପି. ନଡ୍ଡା କହିଛନ୍ତି, ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଦୂରଦୃଷ୍ଟିସମ୍ପନ୍ନ ନେତୃତ୍ୱରେ ଦେଶରେ ସ୍ୱାସ୍ଥ୍ୟ ଭିତ୍ତିଭୂମି ତ୍ୱରାନ୍ୱିତ ହୋଇଛି । ସାମାଜିକ ଗଣମାଧ୍ୟମରେ ପୋଷ୍ଟ କରି ଶ୍ରୀ ନଡ୍ଡା କହିଛନ୍ତି, ସମସ୍ତଙ୍କୁ ସୁଲଭ ସ୍ୱାସ୍ଥ୍ୟସେବା ଯୋଗାଇଦେବା ଲକ୍ଷ୍ୟରେ ପ୍ରଧାନମନ୍ତ୍ରୀ ଜନଆରୋଗ୍ୟ ଯୋଜନାକୁ କାର୍ଯ୍ୟକାରୀ କରାଯାଉଛି । ଏହା ବିଶ୍ୱର ସର୍ବବୃହତ୍ ସ୍ୱାସ୍ଥ୍ୟବୀମା ଯୋଜନା । ଆର୍ଥିକ ଅନଗ୍ରସର ଲୋକଙ୍କୁ ସ୍ୱାସ୍ଥ୍ୟସେବା ଯୋଗାଇଦେବା ଲକ୍ଷ୍ୟରେ ଏହି ଯୋଜନା ବିଶେଷ ଫଳପ୍ରଦ ସାବ୍ୟସ୍ତ ହୋଇଛି । କର୍କଟ

ରୋଗର ଆଗୁଆ ଚିହ୍ନଟ ଏବଂ ଚିକିତ୍ସାପାଇଁ ସରକାର ସ୍ୱଳ୍ପ ଖର୍ଚ୍ଚରେ ସର୍ଭାଇକାଲ୍ କ୍ୟାନ୍‌ସର ଚିହ୍ନଟ କାର୍ଯ୍ୟକ୍ରମ ଲାଗୁ କରିଛନ୍ତି । ଲୋକଙ୍କୁ ସହଜ ତଥା ସୁଲଭ ମୂଲ୍ୟରେ ଔଷଧ ଯୋଗାଣ ଲକ୍ଷ୍ୟ ନେଇ ଦେଶରେ ପ୍ରଧାନମନ୍ତ୍ରୀ ଜନ ଔଷଧି କେନ୍ଦ୍ରମାନ ସ୍ଥାପନ କରାଯାଇଛି ବୋଲି ଶ୍ରୀ ନଡ୍ଡା କହିଛନ୍ତି ।

## ଓଭରାଲ୍ ଶ୍ରୀଲଙ୍କା

ନ୍ୟାସନାଲ୍ ପିପୁଲ୍‌ସ ପାୱାର ଦଳର ନେତା ଅନୁରା କୁମାର ଦିସାନାୟକେ ଶ୍ରୀଲଙ୍କାର ପରବର୍ତ୍ତୀ ରାଷ୍ଟ୍ରପତି ଭାବେ ନିର୍ବାଚିତ ହୋଇଛନ୍ତି । ଦୁଇ ପର୍ଯ୍ୟାୟ ଭୋଟ୍‌ଗଣତି ପରେ ଶ୍ରୀ ଦିସାନାୟକେ ତାଙ୍କର ନିକଟତମ ପ୍ରତିଦ୍ୱନ୍ଦ୍ୱୀ ସାମଗି ଜନ ବାଲାୱେଗୟା ପ୍ରାର୍ଥୀ ସାଜିଥ୍ ପ୍ରେମଦାସାଙ୍କୁ ପରାସ୍ତ କରିଛନ୍ତି । ବର୍ତ୍ତମାନର ରାଷ୍ଟ୍ରପତି ରାନିଲ୍ ବିକ୍ରମାସିଂଘେ ଏହି ନିର୍ବାଚନରେ ପରାସ୍ତ ହୋଇଛନ୍ତି ବୋଲି ଶ୍ରୀଲଙ୍କା ନିର୍ବାଚନ କମିଶନ ଘୋଷଣା କରିଛନ୍ତି । ପ୍ରଥମ ପର୍ଯ୍ୟାୟରେ କୌଣସି ପ୍ରାର୍ଥୀ ୫୦ ପ୍ରତିଶତରୁ ଅଧିକ ଭୋଟ୍ ହାସଲ କରି ନ ପାରିବାରୁ ଦ୍ୱିତୀୟ ପର୍ଯ୍ୟାୟ ଗଣତି କରାଯାଇଥିଲା । ରାଷ୍ଟ୍ରପତି ପଦପାଇଁ ଗତକାଲି ଭୋଟ୍‌ଗଣତି କରାଯାଇଥିଲା । ନିର୍ବାଚନ କମିଶନ କହିଛନ୍ତି, ଶ୍ରୀଲଙ୍କାର ଇତିହାସରେ ପ୍ରଥମ ଥରପାଇଁ ଏହି ନିର୍ବାଚନ ସମ୍ପୂର୍ଣ୍ଣ ଶାନ୍ତିପୂର୍ଣ୍ଣ ଭାବେ ଶେଷ ହୋଇଛି ।

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଶ୍ରୀ ଦିସାନାୟକେଙ୍କୁ ଶୁଭେଚ୍ଛା ଜଣାଇଛନ୍ତି । ତାଙ୍କ ବାର୍ତ୍ତାରେ ପ୍ରଧାନମନ୍ତ୍ରୀ କହିଛନ୍ତି, ଭିଜନ 'ସାଗର' ଏବଂ 'ପଡ଼ୋଶୀ ପ୍ରଥମ ନୀତି'ରେ ଶ୍ରୀଲଙ୍କା ଭାରତପାଇଁ ଏକ ସ୍ୱତନ୍ତ୍ର ସ୍ଥାନ ଅଧିକାର କରିଛି । ଦୁଇ ଦେଶ ମଧ୍ୟରେ ସମ୍ପର୍କ ଅଧିକ ସୁଦୃଢ଼ ହେବା ନେଇ ପ୍ରଧାନମନ୍ତ୍ରୀ ଶ୍ରୀ ମୋଦି ଆଶା କରିଛନ୍ତି ।

## ନାଭି - ମାରିଟାଇମ୍ ସିମ୍ପୋସିୟମ୍

ଭାରତୀୟ ନୌସେନା ପକ୍ଷରୁ ଆଜିଠାରୁ ଗୋଆ ମେରିଟାଇମ୍ ସିମ୍ପୋଜିୟମ୍‌ର ପଞ୍ଚମ ସଂସ୍କରଣର ଆୟୋଜନ କରାଯାଇଛି । ପ୍ରତିରକ୍ଷା ମନ୍ତ୍ରଣାଳୟ କହିଛି, ଗୋଆର ନାଭାଲ୍ ୱାର୍ କଲେଜ୍‌ରେ ଏହା ଅନୁଷ୍ଠିତ ହେବ । ଗୋଆ ମେରିଟାଇମ୍ ସିମ୍ପୋଜିୟମ୍' ଭାରତ ଏବଂ ଭାରତ ମହାସାଗର ଅଞ୍ଚଳର ପ୍ରମୁଖ ରାଷ୍ଟ୍ରଗୁଡ଼ିକ ମଧ୍ୟରେ ସହଯୋଗୀ ଚିନ୍ତାଧାରା ଏବଂ ପାରସ୍ପରିକ ବୁଝାମଣାକୁ ପ୍ରୋତ୍ସାହିତ କରିବାର ଏକ ଉତ୍କୃଷ୍ଟ ମଞ୍ଚ । ଚଳିତ ବର୍ଷର କାର୍ଯ୍ୟକ୍ରମର ବିଷୟବସ୍ତୁ ହେଉଛି "ଭାରତ ମହାସାଗର ଅଞ୍ଚଳରେ ସାଧାରଣ ସାମୁଦ୍ରିକ ନିରାପତ୍ତା ଆହ୍ୱାନ - ବେଆଇନ ଏବଂ ଅନିୟନ୍ତ୍ରିତ ମାଛଧରା ଓ ଅନ୍ୟାନ୍ୟ ବେଆଇନ ସାମୁଦ୍ରିକ କାର୍ଯ୍ୟକଳାପ ପରି ବିପଦକୁ ହ୍ରାସ କରିବା ପ୍ରୟାସର ଅଗ୍ରଗତି" । ଦୁଇଦିନ ଧରି ଚାଲିବାକୁ ଏହି କାର୍ଯ୍ୟକ୍ରମରେ ଭାରତ ମହାସାଗର ୧୨ଟି ଦେଶର ନୌସେନା ପ୍ରତିନିଧି

ଅଂଶଗ୍ରହଣ କରୁଛନ୍ତି । ଏହି ଦେଶଗୁଡ଼ିକ ହେଉଛି - ବାଂଲାଦେଶ, କୋମୋରସ୍, ଇଣ୍ଡୋନେସିଆ, ମାଡାଗାସ୍କର, ମାଲେସିଆ, ମାଳଦ୍ୱୀପ, ମରିସସ୍, ମ୍ୟାଁମାର, ସେସେଲ୍ସ୍, ସିଙ୍ଗାପୁର, ଶ୍ରୀଲଙ୍କା ଏବଂ ଥାଇଲାଣ୍ଡ । କେନିଆ ଏବଂ ତାଞ୍ଜାନିଆର ପ୍ରତିନିଧି ପର୍ଯ୍ୟବେକ୍ଷକ ଭାବେ ଏହି କାର୍ଯ୍ୟକ୍ରମରେ ଯୋଗଦେବେ ।

## ଏନ୍.ସି.ସି - ସମ୍ମେଳନ

ସଂଯୁକ୍ତ ରାଷ୍ଟ୍ର ପ୍ରତିନିଧି ଏବଂ ଜାତୀୟ ସମର ଶିକ୍ଷାର୍ଥୀ ବାହିନୀ ଉପନିର୍ଦ୍ଦେଶକଙ୍କ ନୂଆଦିଲ୍ଲୀରେ ଆଜି ଅନୁଷ୍ଠିତ ହେବାକୁ ଥିବା ସମ୍ମିଳନୀରେ ପ୍ରତିରକ୍ଷା ରାଷ୍ଟ୍ରମନ୍ତ୍ରୀ ସଞ୍ଜୟ ସେଠ୍ ଅଧ୍ୟକ୍ଷତା କରିବେ । ଏହି ସମ୍ମିଳନୀରେ ଆର୍ଥିକ ଆବଶ୍ୟକତା, ପ୍ରତିନିଧିତ୍ୱ ଏବଂ ପ୍ରଶିକ୍ଷଣ ତଥା ଶିବିରସ୍ଥଳୀ ସ୍ଥାପନ ବିଷୟରେ ଆଲୋଚନା ହେବ । ପ୍ରତିରକ୍ଷା ମନ୍ତ୍ରଣାଳୟ ସୂଚନା ଅନୁଯାୟୀ ଏହି ସମ୍ମିଳନୀ ଦେଶରେ ଥିବା ଏନ୍.ସି.ସି. କ୍ୟାଡେଟ୍‌ମାନଙ୍କ ଭବିଷ୍ୟତ୍ ସୁରକ୍ଷା ଦିଗରେ କେନ୍ଦ୍ର ଓ ରାଜ୍ୟ ସରକାର ମଧ୍ୟରେ ସମନ୍ୱୟ ରକ୍ଷା କରିବାରେ ଦୃଢ଼ ଭୂମିକା ଗ୍ରହଣ କରିବ ।

ଏହି ଦ୍ୱିବାର୍ଷିକ ସମ୍ମିଳନୀରେ ରାଜସ୍ଥାନ ଉପମୁଖ୍ୟମନ୍ତ୍ରୀ ତଥା ଶିକ୍ଷା ମନ୍ତ୍ରୀ, ଅରୁଣାଚଳ ପ୍ରଦେଶ, ଆସାମ, କର୍ଣ୍ଣାଟକ, କେରଳ ଏବଂ ଉତ୍ତରାଖଣ୍ଡର

ଶିକ୍ଷାମନ୍ତ୍ରୀ ଏବଂ ଗୋଆର କ୍ରୀଡ଼ାମନ୍ତ୍ରୀଙ୍କ ସମେତ ଅନ୍ୟ ରାଜ୍ୟର ପ୍ରତିନିଧିମାନେ ଅଂଶଗ୍ରହଣ କରିବେ ।

# ପି.ଏମ୍. - ଚେସ୍

ଭାରତୀୟ ପୁରୁଷ ଏବଂ ମହିଳା ଦଳ ଚେସ୍ ଅଲିମ୍ପିଆଡ୍ ପ୍ରତିଯୋଗିତାରେ ସ୍ୱର୍ଣ୍ଣପଦକ ହାସଲ କରିଛନ୍ତି । ହଙ୍ଗେରୀର ବୁଦାପେଷ୍ଟଠାରେ ଅନୁଷ୍ଠିତ ୪୫ତମ ଚେସ୍ ଅଲିମ୍ପିଆଡ୍‌ରେ ଭାରତର ଉଭୟ ଦଳ ଏହି ସଫଳତା ହାସଲ କରିଛନ୍ତି । ପୁରୁଷ ଦଳ ସ୍ଲୋଭେନିଆକୁ ୩-୦ ପଏଣ୍ଟରେ ପରାସ୍ତ କରିଥିବାବେଳେ ମହିଳା ଦଳ ଆଜାରବୈଜାନକୁ ହରାଇ ଚାମ୍ପିୟନ୍ ହୋଇଛି ।

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଉଭୟ ଭାରତୀୟ ଦଳଙ୍କୁ ଅଭିନନ୍ଦନ ଜଣାଇଛନ୍ତି । ସାମାଜିକ ଗଣମାଧ୍ୟମରେ ପୋଷ୍ଟ କରି ପ୍ରଧାନମନ୍ତ୍ରୀ କହିଛନ୍ତି, ଭାରତର କ୍ରୀଡ଼ା କ୍ଷେତ୍ରରେ ଏହି ସଫଳତା ଏକ ନୂତନ ଅଧ୍ୟାୟ ସୃଷ୍ଟି କରିଛି ।

*****